# କବି ବାଞ୍ଛାନିଧିଙ୍କ ଜୀବନ ଦର୍ଶନ

**ଶ୍ରୀ ଗୌରଗୋପାଳ ଜେନା**

ପରିଦୃଶ୍ୟମାନ ଜଗତର ରୂପ -ବୈଚିତ୍ର୍ୟ ଓ ଘଟଣା -ସମାବେଶରୁ ଯେଉଁ ଅଭିଜ୍ଞତା ସଂଗୃହୀତ ହୁଏ, ସେହି ଅଭିଜ୍ଞତାକୁ ଅନ୍ତରର ଅନୁଭୂତିର ନିବିଡ଼ତାରେ ସିକ୍ତ କରାଇ ସଂବେଦନା -ସଂଚାରୀ ମନୋଜ୍ଞ ରସମୟୀ ଭାଷାରେ ଯେ ପ୍ରକାଶ କରେ ସେ କବି । କବିର ଅନୁଭୂତି ଓ ପ୍ରକାଶ ରୀତି ସଂପୂର୍ଣ୍ଣ ଭାବରେ କଳାଶ୍ରୟୀ ହୋଇପାରେ ଅଥବା ବିସ୍ତୀର୍ଣ୍ଣ ଜୀବନ ଧାରାକୁ ପ୍ରକଟିତ କରିବା ପାଇଁ କାବ୍ୟ କଳାକୁ ଏକ ମାଧ୍ୟମ ରୂପେ ରଖି କବି ନିଜର ଶିଳ୍ପ ସୃଷ୍ଟିକୁ ମୁଖ୍ୟତଃ ଜୀବନଧର୍ମୀ କରିପାରେ । ଜୀବନଧର୍ମୀ କବିର କାବ୍ୟ-କୃତିରେ ଅତୀନ୍ଦ୍ରୀୟ କଳ୍ପନା-ବିଳାସ ପରିବର୍ତ୍ତେ ସଂଘର୍ଷମୟ ବାସ୍ତବ ଜୀବନର ହିଁ କାବ୍ୟିକ ପରିପ୍ରକାଶ ହୋଇଥାଏ । ଜୀବନଧର୍ମୀ କବି ତେଣୁ ପ୍ରକୃତିର ସୁଷମା -ସମ୍ଭାର ଭିତରେ ନିଜକୁ ହଜାଇ ଦେଇ ଗାଇ ବସେ ନାହିଁ କୌଣସି ଉଚ୍ଛ୍ୱସମୟ ଆତ୍ମଭୋଳା ଗୀତି, ସ୍ୱପ୍ନିଳ ଭାବର ଆବେଗରେ ବିହ୍ୱଳ ହୋଇ ସେ ଲେଖେ ନାହିଁ କୌଣସି ରହସ୍ୟଘନ କାବ୍ୟ କବିତା; ଅଥବା କଳ୍ପନାର ପୁଷ୍ପିତ ନନ୍ଦନ ବନରେ ବସି ସେ ଗୁନ୍ଥେ ନାହିଁ ରସଘନ କବିତାର ମଂଜୁଳ ସୁମନ -ମାଳା । ସେ ଲେଖେ ଜୀବନର କବିତା, ଧୂଳି ମାଟିର ଏଇ ଧରଣୀର କବିତା, ବ୍ୟଥା ବେଦନାର, ଆଶା ଆଶଙ୍କା, ପୀଡ଼ନ ପ୍ରହାର, ଲୋଭ ମୃତ୍ୟୁ ଜର୍ଜରିତ ଏଇ ଜୀବନର ରସହୀନ କବିତା । ସେ କବିତା ଅତି ଏକାନ୍ତ ଭାବରେ ସତ୍ୟାଶ୍ରୟୀ ଓ ବାସ୍ତବଧର୍ମୀ ଏବଂ ସେଥିରେ ପ୍ରକଟିତ ହୁଏ ବାସ୍ତବ ଜୀବନର ସ୍ୱରୂପ, ନିତାନ୍ତ ନିରଭରଣ ରୂପରେ । ଅପରପକ୍ଷେ ବାସ୍ତବତା ଚିରଦିନ ରୂକ୍ଷ, କର୍କଶ ଓ କଠୋର ଏବଂ ତାହା ମଣିଷକୁ ଦିଏ ନିରନ୍ତର ଆଘାତ, ମାତ୍ର ସେହି ଆଘାତରେ ଥାଏ ଏକ ପ୍ରଚ୍ଛନ୍ନ ବିଦ୍‌ଗଧ ବେଦନାର ଆନନ୍ଦ ।

ବାଞ୍ଛାନିଧି ସେହି ବେଦନାର କବି, ସେହି ଆନନ୍ଦର କବି, ମୋହମୁକ୍ତ , ସ୍ୱପ୍ନ ରହିତ ଏକ ନିର୍ମମ, ନିଷ୍ଠୁର, ବହୁଧାବିଦୀର୍ଣ୍ଣ, ବନ୍ଧନ-ଜର୍ଜର ଜୀବନର କବି ।

ବର୍ତ୍ତମାନର ଜୀବନ ଚିର ପ୍ରବାହମାନ ଜୀବନଧାରାର ଏକ କ୍ରମ ପରିଣତ ପରିପ୍ରକାଶ । ଏଣୁ ଜୀବନଧର୍ମୀ କବିର କାବ୍ୟ-କୃତିର ଦାର୍ଶନିକ ଭିତ୍ତି ନିହିତ ରହିଥାଏ ଦୂରାୟତ ପୁରାତନର ପରଂପରା ଭିତରେ । ପୁରାତନ ସେହି ଭିତ୍ତି ଉପରେ ଦଣ୍ଡାୟମାନ ରହି, ସଂସ୍କାର-ବିମୁକ୍ତ ସ୍ୱଚ୍ଛ ଦୃଷ୍ଟିରେ ସେ ପର୍ଯ୍ୟବେକ୍ଷଣ କରେ ବର୍ତ୍ତମାନକୁ ଏବଂ ବର୍ତ୍ତମାନର ସେହି ସମୀକ୍ଷା ଭିତରୁ ସେ ଦିଏ ଭବିଷତ୍ୟତର ଦିଗ୍ ନିର୍ଦ୍ଦେଶ । ଜୀବନଧର୍ମୀ କବିର ଏହି ତ୍ରୟୀ ଭୂମିକା ତାହାକୁ ନିଛକ କଳାଶ୍ରୟୀ ଅଥବା ରହସ୍ୟବାଦୀ ଓ ରୋମାଣ୍ଟିକ୍ କବି ଠାରୁ ପୃଥକ କରାଇ ତାହାକୁ ଆଣିଦିଏ ଏ ସ୍ୱକୀୟ ସ୍ୱାତନ୍ତ୍ର । ବିଗତ ଯୁଗ ଓ ଜୀବନ ଧାରାର ସଂସ୍କାର ଓ ସଂସ୍କୃତି ଥାଏ ତାହାର ପୃଷ୍ଠ ଭୂମିରେ । ସେହି ସମସ୍ତ ସଂସ୍କାର ଓ ସଂସ୍କୃତିର ସଚେତନ ଦାୟାଦ ରୂପେ ସେ ବର୍ତ୍ତମାନରେ ଆବିଷ୍କାର କରେ ନିଜକୁ । ଅତୀତର ପରମ୍ପରା ଓ ବର୍ତ୍ତମାନର ପ୍ରାଣ-ପ୍ରବାହକୁ ପର୍ଯ୍ୟବେକ୍ଷଣ କରି , ସ୍ୱକୀୟ ଚିନ୍ତାର ବୈଶିଷ୍ଟ୍ୟରେ ତାହାକୁ ରସାଣିତ କରି ସେ ଭବିଷ୍ୟତ ପାଇଁ ସୃଷ୍ଟିକରେ ଏକ ଅଭିନବ ଜୀବନର ସୂଚନା । ତେଣୁ ଜୀବନଧର୍ମୀ କବି ଏକାଧାରରେ ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଯାହା ଦେଖେ ତାହା ଅଶିବ, ଅସ୍ପୃହଣୀୟ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସେ ସୃଷ୍ଟି କରେ ନିଜର ଶିଳ୍ପ-ସୃଷ୍ଟି । ଏଣୁ ବାଞ୍ଛାନିଧିଙ୍କର ଜୀବନ-ଦର୍ଶନ ବୁଝିବାକୁ ହେଲେ ତାଙ୍କର ଅତୀତର ପରମ୍ପରା ଓ ତାଙ୍କ ସମସାମୟିକ ସମାଜ ଓ ଜୀବନଧାରାର ଅନୁଶୀଳନ ଓ ଅନୁଧ୍ୟାନ ଆବଶ୍ୟକ ।

ବାଞ୍ଛାନିଧିଙ୍କର ଜନ୍ମ ଉନବିଂଶ ଶତକର ପରିସମାପ୍ତିର ଅବ୍ୟବହିତ ପୂର୍ବରୁ ଅର୍ଥାତ ୧୮୯୭ ମସିହାରେ । ଉନବିଂଶ ଶତକର ପ୍ରାରମ୍ଭରୁ ହୁଏତ ଆହୁରି ପୂର୍ବରୁ ଭାରତୀୟ ଜୀବନ ଧାରାରେ ଅସଂଖ୍ୟ ସଂଘର୍ଷମୟ ଆବର୍ତ୍ତ ସୃଷ୍ଟି ଲାଭ କରିଥିଲା । ପୂର୍ବବର୍ତ୍ତୀ ମୋଗଲ ଓ ମରହଟ୍ଟା ରାଜତ୍ୱର ଅବସାନ ହୋଇ ଇଂରେଜ ପ୍ରଭୁତ୍ୱ ଏ ଦେଶର ଚିନ୍ତାଧାରାରେ ଅଭାବନୀୟ ଓ ଅଦ୍‌ଭୁତପୂର୍ବ ପରିବର୍ତ୍ତନ ଦେଖାଦେଇଥିଲା । ଐତିହାସିକ ପଟ୍ଟ ପରିବର୍ତ୍ତନ ଏବଂ ସାଂସ୍କୃତିକ ଓ ରାଜନୈତିକ ସଂଘର୍ଷ ଫଳରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସମାଜ ଜୀବନରେ ନିର୍ଦ୍ଦିଷ୍ଟ ଆଦର୍ଶର ଅଭାବ ଅନୁଭୂତ ହେଉଥିଲା । ଅଜ୍ଞତା, କୁସଂସ୍କାର ଏବଂ ପାଶ୍ଚାତ୍ୟର ଅନ୍ଧଅନୁକରଣ ଫଳରେ ଜାତୀୟ ଜୀବନ ରୁଗ୍‌ଣ ଓ ପଙ୍କିଳ ହୋଇପଡୁଥିଲା । ବ୍ୟକ୍ତି ଓ ସମଷ୍ଟି ଜୀବନରେ ଅଶାନ୍ତ ଅସ୍ଥିରତା ଦେଖା ଦେଉଥିଲା । ଅଥଚ ଠିକ୍ ଏହି ସମୟରେ ଅର୍ଥାତ ଉନବିଂଶ ଶତାବ୍ଦୀରେ ପ୍ରାୟ ମଧ୍ୟ ଭାଗରୁ ଜାତୀୟ ଜୀବନର ଏକ ବିପରୀତ ଧାରା ପ୍ରବାହିତ ହେବାକୁ ଆରମ୍ଭ କରିଥିଲା । ଜାତୀୟ ପୁନର୍ଜାଗରଣର ଏକ ଅଭିନବ ବାତାବରଣ ଧୀରେ ଧୀରେ ସୃଷ୍ଟି ହେଉଥିଲା ଏବଂ ବହୁ ଶତାବ୍ଦୀର ଦାସତ୍ୱ ବନ୍ଧନ ଛିନ୍ନ କରି ଜାତୀୟ ଜୀବନକୁ କଳୁଷମୁକ୍ତ କରିବାର ଅଦମ୍ୟ ଆକାଙ୍‌କ୍ଷା ଭାରତୀୟ ଜନତାର ମନରେ ଉଦୟ ହେଉଥିଲା । ଏହି ଆକାଙ୍‌କ୍ଷା ସର୍ବପ୍ରଥମ ଓ ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ହେଲା ୧୮୫୭ ମସିହାର ସିପାହୀ ବିଦ୍ରୋହ । ସିପାହୀ ବିଦ୍ରୋହ ଥିଲା ଯଥାର୍ଥରେ ନବ ଚେତନାଦୀପ୍ତ ଜାତୀୟ ଜାଗୃତିର ଏକ ବୈପ୍ଳବିକ ରୂପାନ୍ତର ଏବଂ ଖଣ୍ଡିତ ଆକାରରେ ହେଲେ ହେଁ ସେଦିନ ସେହି ବିଦ୍ରୋହର ବହ୍ନି କୋଟି କୋଟି ଅନ୍ତରରେ ସୃଷ୍ଟି କରିଥିଲା ଅନିର୍ବାଣ ଅସନ୍ତୋଷର ସ୍ଫୁଲିଙ୍ଗ ।

ରାଜନୀତିକ କ୍ଷେତ୍ରରେ ମୁକ୍ତି ଆକାଙ୍‌କ୍ଷାର ଅଭ୍ୟୁଦୟ ସଂଗେ ସଂଗେ ସମାଜ ଜୀବନକୁ କୁସଂସ୍କାର ଦୂର କରି ଜୀବନକୁ ମାର୍ଜିତ ଓ ଆଲୋକିତ କରିବାର ଆକାଙ୍‌କ୍ଷା ଓ ପ୍ରୟାସ ମଧ୍ୟ ଧୀରେ ଧୀରେ ସୁସ୍ପଷ୍ଟ ହେବାକୁ ଲାଗିଲା । ଭାରତୀୟ ଜନତାର ମନରେ

ମାନବିକତାର ଏକ ନୂତନ ମୂଲ୍ୟବୋଧ ଜାଗ୍ରତ ହେଲା ଏବଂ ଶିକ୍ଷାର ପ୍ରସାର ସଂଗେ ସଂଗେ ରାଜନୀତିକ ଚେତନା ମଧ୍ୟ ପ୍ରସାରିତ ହେଲା । ଏହି କ୍ରମ ବର୍ଦ୍ଧମାନ ଜାତୀୟ ଚେତନାର ସ୍ୱାଭାବିକ ପରିଣତି ସ୍ୱରୂପ ୧୮୮୫ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହେଲା ଜାତୀୟ କଂଗ୍ରେସ । ଅବଶ୍ୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ମୂଳରେ ସେଦିନ ଏକ ଭିନ୍ନ ଉଦ୍ଦେଶ୍ୟ ଓ ଆଦର୍ଶ ରହିଥିଲେ ମଧ୍ୟ ଜାତୀୟ ଜାଗରଣର ଏହା ଯେ ଆଉ ଏକ ଉଦ୍ଦୀପ୍ତ ଓ ଉଲ୍ଲେଖଯୋଗ୍ୟ ପର୍ଯ୍ୟାୟ ଏଥିରେ ସଂଦେହର ଅବକାଶ ନାହିଁ ?

ଇତି ମଧ୍ୟରେ ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବିସ୍ମୃତ ଦେଶାତ୍ମବୋଧର ପୁନରୁଜ୍ଜୀବନ ପାଇଁ ପ୍ରୟାସ ଆରମ୍ଭ ହୋଇଯାଇଥିଲା । ବଂଗୀୟ ସାହିତ୍ୟିକ ବଂକିମ ଚନ୍ଦ୍ରଙ୍କର ବନ୍ଦେ ମାତରଂ ଧ୍ୱନି ସୁପ୍ତ ଜନତାର କର୍ଣ୍ଣରେ ଅପୂର୍ବ ଉଦ୍‌ବୋଧନର ପ୍ରାଣତରଙ୍ଗ ସୃଷ୍ଟି କରୁଥିଲା । ଲାଲା ଲାଜପତ ରାୟ, ବାଳ ଗଂଗାଧର ତିଳକ, ବିପିନ ଚନ୍ଦ୍ର ପାଲ ପ୍ରମୁଖ ମନୀଷୀବୃନ୍ଦ ରାଜନୀତିକ ଗଗନରେ ଉଦିତ ହୋଇ ଭାରତୀୟ ଜନତା ମନରେ ଏକ ସଗ୍ରାମଶୀଳ ଚିନ୍ତାଧାରା ସୃଷ୍ଟି କରୁଥିଲେ । ଫଳତଃ ଉନବିଂଶ ଶତାବ୍ଦୀର ଶେଷ ଆଡ଼କୁ ସମଗ୍ର ଭାରତୀୟ ଜୀବନରେ ଏକ ଅସ୍ଥିର କଂପନ ଅନୁଭୂତ ହେଉଥିଲା ଏବଂ ନବ ପ୍ରତିଷ୍ଠିତ ଜାତୀୟ କଂଗ୍ରେସକୁ କେନ୍ଦ୍ରକରି ସ୍ୱାଧୀନତା ବା ସ୍ୱରାଜ୍ୟ ଲାଭର ଚିନ୍ତା ଦେଶର ଚିନ୍ତାଶୀଳ ବ୍ୟକ୍ତିଙ୍କ ମନରେ ଆଲୋଡ଼ନ ସୃଷ୍ଟି କରୁଥିଲା । ଭାରତୀୟ ଜନତାର ଏହି ନବ ଜାଗୃତିରେ ଆଂତକିତ ହୋଇ ଇଂରେଜ ସରକାର ନିଜ ଆସନକୁ ସୁଦୃଢ଼ ରଖିବା ପାଇଁ ପ୍ରବର୍ତ୍ତନ କଲେ ହୋମ୍ ରୁଲ୍ ଓ ବଂଗ ବିଚ୍ଛେଦ ପ୍ରଭୃତି ବହୁ ବିଭେଦ ମୂଳକ ପ୍ରଶାସନିକ ବ୍ୟବସ୍ଥା । ସଂଗେ ସଂଗେ ପ୍ରବଳତର ହୋଇଉଠିଲା ଦେଶମୟ ପ୍ରତିରୋଧ । ବିଶେଷତଃ ବଂଗ ବିଚ୍ଛେଦ ଦେଶର ଜାତୀୟ ସଂହତିରେ ପ୍ରଚଣ୍ଡ କୁଠାରଘାତ କରିବାକୁ ଦେଶର ସର୍ବତ୍ର ଅସନ୍ତୋଷର ଦାବାନଳ ଜଳି ଉଠିଲା । ଜନତା ପ୍ରାଣରେ ସ୍ୱରାଜ୍ୟ ଲାଭର ଆକାଙ୍କ୍ଷା ବଳବତୀ ହେବା ସଂଗେ ସଂଗେ ସମଗ୍ର ଦେଶରେ ବୈଦେଶିକ ପ୍ରଭାବ ଓ କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ କରିବା ଉଦ୍ଦେଶ୍ୟରେ ବିଦେଶୀ ବର୍ଜନ ଓ ସ୍ୱଦେଶୀ ଆନ୍ଦୋଳନର ସୂତ୍ରପାତ ହେଲା । ପ୍ରଚଣ୍ଡ ପ୍ରତିଭାଧର ବିପ୍ଳବୀ ଅରବିନ୍ଦ ଦେଶର ସର୍ବତ୍ର ବିପ୍ଳବର ଅଗ୍ନିମନ୍ତ୍ର ପ୍ରଚାର କରି ଜନତା ପ୍ରାଣରେ ବହ୍ନି ବନ୍ୟାର ପ୍ରବାହ ସୃଷ୍ଟି କଲେ । ଶାସକରେ ପରିଣତ ହୋଇଥିବା ବଣିକ ଇଂରେଜ ପ୍ରତି ପ୍ରବଳ ବିତୃଷ୍ଣା ଜାତ ହେଲା ଏବଂ ବଣିକର ଶାସନ ସ୍ପୃହା ବୃଦ୍ଧିପାଇ ତାହାର ଶାସନ କୌଶଳ ଯେତିକି ଅଧିକ ସୁସଂଗଠିତ ହେଲା, ଶାସକ ପ୍ରତି ଶାସିତର ବିରାଗ ବୈରଭାବ ସେତିକି ପ୍ରଚଣ୍ଡ ଆକାର ଧାରଣ କଲା ।

ଏବଂବିଧ ନବଜାଗରଣ ମଧ୍ୟରେ , ଜାତୀୟ ଇତିହାସର ଏକ ଆଲୋଡ଼ନ ବିକ୍ଷୁବ୍ଧ ସନ୍ଧିକ୍ଷଣରେ ଜନ୍ମଲାଭ କଲେ ବିଦ୍ରୋହୀ କବି ବାଞ୍ଛାନିଧି । ବାଲ୍ୟ ଓ କୈଶୋରରେ ଜାତୀୟ ସଂଗ୍ରାମୀଶୀଳତା ଓ ବୈପ୍ଳବିକ ଚେତନାର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବା ଫଳରେ ତାଙ୍କର ସମ୍ବେଦନଶୀଳ କୋମଳ ଚିତ୍ତରେ ପ୍ରଖର ଜାତୀୟତା ଓ ଆପୋଷହୀନ ବିଦ୍ରୋହର ବୀଜ ଉପ୍ତ ହେବାକୁ ଲାଗିଲା । ବୟଃ ବୃଦ୍ଧି ସଂଗେ ସଂଗେ ତାହା ଦ୍ରୁତ ଅଂକୁରିତ ଓ ପଲ୍ଲବିତ ହୋଇ ତାଙ୍କର ସମଗ୍ର ଚେତନାକୁ ପରିବ୍ୟାପ୍ତ କଲା । ଏହି ବିଦ୍ରୋହ ହିଁ ହୋଇଥିଲା ପରବର୍ତ୍ତୀ କାଳରେ ବାଞ୍ଛାନିଧିଙ୍କ ଜୀବନର ମୂଳମନ୍ତ୍ର ।

ଆନ୍ତର୍ଜାତିକ ଘଟଣା ପ୍ରବାହ ମଧ୍ୟ ବାଞ୍ଛାନିଧିଙ୍କର କୈଶୋରରେ ପ୍ରଭାବିତ କରିଥିବାର ଅନୁମିତ ହୁଏ । ବିଂଶ ଶତକର ପ୍ରଥମ ଦଶନ୍ଧିରେ ରୁଷ ଜାପାନ ଯୁଦ୍ଧରେ ଯେଉଁ ପରିଣତି ଘଟିଲା, ତାହା ଫଳରେ ପ୍ରାଚ୍ୟ ଭୂଖଣ୍ଡରେ ଏକ ନୂତନ ଶକ୍ତିର ଆବିଷ୍କାର ହେଲା ଏବଂ ତାହା ପ୍ରାଚ୍ୟବାସୀଙ୍କ ମନରେ ଏକ ଭଗୀର ଆତ୍ମପ୍ରତ୍ୟୟ ଆଣିଦେଲା । ରୁଷିଆରେ ସାମ୍ୟବାଦର ବିଜୟ, ପ୍ରଥମ ମହାସମରରେ ଜର୍ମାନୀର ପତନ ଓ ପରବର୍ତ୍ତୀ କାଳରେ ଲିଜ୍ ଅଫ ନେସନ୍‌ସ ଗଠନ, ବିଶ୍ୱ ଶାନ୍ତି ଜନତାର ଏକ ନବଜାଗୃତିର ସୂଚନା ଆଣିଦେଲା । ଏହି ସମସ୍ତ ଘଟଣା ପରମ୍ପରା ଚରି ବିଦ୍ରେହୀ ବାଞ୍ଛାନିଧିଙ୍କ ମନରେ ଜାତ କରାଇଲା ଉଦ୍ଦୀପ୍ତ ଜାତିପ୍ରେମ ଓ ବନ୍ଧନ ବିମୋଚନର ଉଗ୍ର ଅଭିଳାଷ ।

ଇତି ମଧ୍ୟରେ ଭାରତୀୟ ସାମାଜିକ ଓ ରାଜନୀତିକ କ୍ଷେତ୍ରରେ ମଧ୍ୟ ଦ୍ରୁତ ପଟ୍ଟ ପରିବର୍ତ୍ତନ ଘଟିଲା । ୧୯୧୪ ପରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଜାତୀୟ କଂଗ୍ରେସର ନୂତନ ଆଦର୍ଶ ଦୀକ୍ଷା, ସ୍ୱରାଜ୍ୟ ଲାଭ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଗାନ୍ଧିଜୀଙ୍କ ନୂତନ କର୍ମ ଯୋଜନା ଭାରତୀୟ ଯୁବ ପ୍ରାଣରେ ଏକ ଅଭିନବ ପ୍ରେରଣା ସୃଷ୍ଟି କଲା । ଜାତୀୟ ଜୀବନର ଏହି ଅଶାନ୍ତ ମୁହୂର୍ତ୍ତରେ ୧୯୧୯ ରେ ଜାଲିଓ୍ୱାନାଓ୍ୱାଲାବାଗ ଠାରେ ଇଂରେଜ ସରକାର ହତ୍ୟାର ଯେଉଁ ବିଭିଷିକା ସୃଷ୍ଟି କଲା ତାହା ଜାତୀୟ ଚେତନାକୁ ଏବଂ ବିଶେଷତଃ ତରୁଣ ପ୍ରାଣକୁ ପ୍ରବଳ ଭାବରେ ବିକ୍ଷୁବ୍ଧ କରି ପକାଇଲା । ବାରୁଦରେ ଅଗ୍ନି ସଂଯୋଗ କଲାପରି ଭାରତର ଜାତୀୟ ଜୀବନ ପ୍ରଜ୍ଜ୍ୱଳିତ ହୋଇଉଠିଲା ଏବଂ ବିପ୍ଳବର ସେହି ବହ୍ନି ଦାବାନଳ ପରି ଦେଶର ସମସ୍ତ ପ୍ରାନ୍ତକୁ ପ୍ରସାରିତ ହେଲା ।

ବାଞ୍ଛାନିଧି ସେତେବେଳକୁ କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କରିଥିଲେ । ଜାଲିଓ୍ୱାନାଓ୍ୱାଲାବାଗର ନିର୍ମମ ହତ୍ୟାକାଣ୍ଡ ଏବଂ ବିଦେଶରୀ ଶାସନର ନଗ୍ନ ନାରକୀୟ ଦମନ ନୀତି ବାଞ୍ଛାନିଧିଙ୍କର ବିଦ୍ରୋହୀ ମନୋଭାବକୁ ତୀବ୍ରତର କରାଇଲା । ଆନ୍ତର୍ଜାତିକ ଘଟଣାବଳୀ ପରିପ୍ରେକ୍ଷୀରେ ଜାତୀୟ ଜୀବନର ସମସ୍ତ ଲାଞ୍ଛନା ବାଞ୍ଛାନିଧିଙ୍କ ମନରେ ସଂଚାରକଲା ମୁକ୍ତିର ଅଦମ୍ୟ ଆକାଙ୍କ୍ଷା । ଫଳରେ ସ୍ୱାଭାବ କବି ବାଞ୍ଛାନିଧିଙ୍କ ଲେଖନୀରୁ ଝରିବାକୁ ଲାଗିଲା ଆଗ୍ନେୟ ସଂଗୀତର ଧାରା । ବଳିଷ୍ଠ ଆତ୍ମସମ୍ମାନ ଜାତ୍ୟାଭିମାନ ତାଙ୍କ ହୃଦୟକୁ ଅଧିକାର କରି ରଖିଥିଲା । ତେଣୁ ମଦମତ୍ତ ଇଂରେଜ ସରକାର ପାଖରେ ମୁକ୍ତି ପାଇଁ ଆତୁର ନିବେଦନ ପନ୍ଥାକୁ ନିଷ୍ଫଳ ମଣି ସେ

ଗ୍ରହଣ କଲେ ପ୍ରତ୍ୟକ୍ଷ ବିଦ୍ରୋହର ସରଣୀ ।  ଏଣୁ ଆଦ୍ୟ ଯୌବନରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସେ ଲେଖିଗଲେ ଯେଉଁ ସମସ୍ତ କବିତା, ସେ ସମସ୍ତ କବିତାରେ ଦେଖିବାକୁ ମିଳେ ଏକ ବଳଷ୍ଠ ଯୋଗସୂତ୍ର, ଏକ ବୈପ୍ଳବିକ ଆଦର୍ଶ, ସତ୍ୟ ନ୍ୟାୟର ବିଜୟ ଲାଗି ଏକ ଦୁର୍ବାର ଅଭୀପ୍‌ସା, ବନ୍ଧନ ମୋଚନର ପିଷ୍ଟପଟ ଆକାଙ୍‌କ୍ଷା ଓ ଜାତୀୟ ଜୀବନକୁ ମୋହମୁକ୍ତ କରିବାର କ୍ରିୟାତ୍ମକ ସଂଗ୍ରାମ ଶୀଳତା । ଯେଉଁ ଆଦର୍ଶକୁ ଆଖି ଆଗରେ ରଖି ଏବଂ ଯେଉଁ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସେ କବିତା ରଚନା କରିଥିଲେ, ସେହି ଆଦର୍ଶ ଓ  ସେହି ପ୍ରେରଣା ମଧ୍ୟରୁ ହିଁ ଆମେ ଆବିଷ୍କାର କରୁ କବିଙ୍କର ଜୀବନ ଚେତନା ଓ ଜୀବନ ଦର୍ଶନ ।

ବାଞ୍ଛାନିଧି ଥିଲେ ସ୍ୱଭାବ କବି । ଅଥଚ କବିତାରେ କଳା ପାଟବର ପରିପ୍ରକାଶ ପାଇଁ ସେ କେବେହେଲେ ବ୍ୟାକୁଳ ହୋଇନାହାନ୍ତି । ଈଶ୍ୱରଦତ୍ତ କବି ପ୍ରତିଭାକୁ ସେ ନିୟୋଜିତ କରିଥିଲେ ସ୍ୱୀୟ ଅନ୍ତରର  ବେଦନା ଜର୍ଜର ବିଦ୍ରେହ ଭାବର ପ୍ରକାଶ ଓ ପ୍ରଚାରରେ । ଜାତୀୟ ଚେତନା, ସତ୍ୟ ନ୍ୟାୟ ପ୍ରତିଷ୍ଠାର କାମନା ଓ ମୁକ୍ତି ଲାଭର ବ୍ୟାକୁଳତା ତାଙ୍କ ପ୍ରାଣସତ୍ତାକୁ ସଂପୂର୍ଣ୍ଣ ଭାବରେ ଅଧିକାର କରିଥିଲା ।  ତେଣୁ ତାଙ୍କ କବିତାରେ ଉନ୍ନତ କାବ୍ୟକଳା ଅଥବା ଶିଳ୍ପ ସମ୍ମତ କୋମଳତା ପରିବର୍ତ୍ତେ ଦେଖିବାକୁ ମିଳେ ଉଗ୍ର ଜାତୀୟତା ଓ ଦେଶପ୍ରାଣତାର ଝଂକାର । ଫଳରେ ବାଞ୍ଛାନିଧିଙ୍କର ପ୍ରତ୍ୟକ କବିତା ହୋଇଛି ଜନ ଜୀବନର ଉଦ୍‌ବୋଧନର ଆବେଗମୟୀ ଆବାହନୀ । ଏଥିରେ ଅଛି ବିଦ୍ରୋହର  ଅଭିନବ ମୂର୍ଚ୍ଛନା; ମାନବିକତାର ଜୈତ୍ର ଗୀତିରେ ହା ମୁଖର ଏବଂ ବାସ୍ତବ ଜୀବନର ଏହା ଏକ ସୁତୀବ୍ର ଆଗ୍ନେୟ ରୂପାୟନ । ମାତୃଭୂମିର ରାତନୈତିକ ଓ ଅର୍ଥନୈତିକ ସ୍ୱାଧୀନତା, ବ୍ୟକ୍ତି ଜୀବନରେ ଓ ଜାତୀୟ ଜୀବନରେ ସମସ୍ତ ଅକଲ୍ୟାଣ ଓ ଅଶିବ ବନ୍ଧନରୁ ମୁକ୍ତି ଏବଂ ଶାନ୍ତି, ମୈତ୍ରୀ ଓ ପ୍ରଗତି ଏହା ହିଁ ବାଞ୍ଛାନିଧି ସାହିତ୍ୟର ମୂଳ ଭିତ୍ତି ଓ ମର୍ମବାଣୀ ।

ସ୍ୱାଧୀନତା ଲାଭ ପାଇଁ ମହାତ୍ମାଗାନ୍ଧିଙ୍କ ପ୍ରବର୍ତ୍ତିତ ଅହିଂସା ନୀତିରେ ବାଞ୍ଛାନିଧିଙ୍କର ଥିଲା ପ୍ରଗାଢ଼ ବିଶ୍ୱାସ  ଏବଂ ସେହି ନୀତିରେ ଅନୁପ୍ରାଣିତ ହୋଇ ତାଙ୍କର ପରିଚାଳନାରେ ସ୍ୱାଧୀନତା ସଂଗ୍ରାମ ଚଳାଇବା ପାଇଁ ସେ ଦେଶବାସୀଙ୍କୁ ଦେଇଥିଲେ ଆହ୍ୱାନ, ମାତ୍ର ବାଞ୍ଛାନିଧି ଗାନ୍ଧିଜୀଙ୍କର ଅବିକଳ ପ୍ରତିଧ୍ୱନି ମାତ୍ର ନଥିଲେ । ସ୍ୱୀୟ ମୌଳିକ ଚିନ୍ତାଧାରାରେ ଗାନ୍ଧି ନୀତିକୁ ରସାଣିତ କରି ସ୍ୱାଧୀନତା ସଂଗ୍ରାମର ଏହି ଅଶାନ୍ତ ସୈନିକ ଦୃପ୍ତ କଣ୍ଠରେ ଘୋଷଣା କରିଥିଲେ ଯେ 'ଅନୁନୟ ଓ ଆବେଦନ ଦ୍ୱାରା ସ୍ୱାଧୀନତା ଲାଭ କରାଯାଇ ନପାରେ ।'

ଇଟାଲୀ, ଆୟାର୍ଲାଣ୍ଡ, ଚୀନ, ଜାପାନ, ଆମେରିକା ପ୍ରଭୃତି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶ ମାନଙ୍କରେ ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କାହାଣୀ ବାଞ୍ଛାନିଧିଙ୍କର ମାନସ ପଟରେ ହୁଏତ ନିରବଚ୍ଛିନ୍ନ ଭାବରେ ପ୍ରତିବିମ୍ବିତ ହୋଇରହିଥିଲା । ତେଣୁ ନୀତି ଦୃଷ୍ଟିରୁ ଅହିଂସାକୁ ଅସ୍ତ୍ରରୂପେ ଗ୍ରହଣ କରି ନେଇଥିଲେ ମଧ୍ୟ ସ୍ଥିର ସଂଯତ ଭାବରେ ସେ ଚାହିଁଥିଲେ ସେହି ନୀତିର ଏକ ବୀର୍ଯ୍ୟବନ୍ତ, ବୈପ୍ଳବିକ ସଂଗ୍ରାମ ମୁଖର ରୂପାୟନ । ଅହିଂସା ଓ ହିଂସା ରହିତ ବିଦ୍ରୋହର ଏହି ପରିପୁଷ୍ଟ ଓ ପ୍ରାଣବନ୍ତ ସମନ୍ୱୟ କରି ପାରିଥିଲେ ବୋଲି ବାଞ୍ଛାନିଧି ଜନତା ପ୍ରାଣରେ ଏତେ ଉଚ୍ଛ୍ୱାସ ସୃଷ୍ଟି କରିପାରୁ ଥିଲେ । ବନ୍ଧନମୁକ୍ତ ସ୍ୱଚ୍ଛନ୍ଦ ଜୀବନ ହିଁ ଶିବ ଓ ସୌନ୍ଦର୍ଯ୍ୟର ଲୀଳାଭୂମି । ତେଣୁ ଆପାତ ଦୃଷ୍ଟିରେ ତାହାଙ୍କର ରଚନାବଳୀରେ ଝଂଜା କ୍ଷୁବ୍ଧ ସାଗରର ଉଦ୍ଦାମ ଐଶ୍ୱର୍ଯ୍ୟ ପ୍ରକାଶ ପାଇଥିଲେ ହେଁ ସେହି ସାଗରର  ଅତଳ ଗର୍ଭରେ ଥିଲା ଜୀବନକୁ କଲ୍ୟାଣ ଓ ଶୋଭାମୟ କରିବାର ତପସ୍ୟା ମୌନ ଓ ନିଷ୍କମ୍ପ ସ୍ତବ୍ଧତା ।

ଜୀବନକୁ ଯେଉଁଠାରେ ସେ ଶ୍ରୀ-ବର୍ଜ୍ଜି ଓ ବିକଳାଙ୍କ କରାଇବାର ଉଦ୍ଧତ ଅହଂକାରର ସୂଚନା ପାଇଛନ୍ତି ସେଠାରେ ହିଁ ଉତ୍‌ପୀଡ଼ିତ ମାନବାତ୍ମାର କ୍ଳେଶରେ କବି ହୃଦୟ ତାଙ୍କର କରୁଣାରେ ବିଗଳିତ ହୋଇଛି ଏବଂ ନିର୍ଭୟ କଣ୍ଠରେ  ସେ ଗାଇଛନ୍ତି ବିଦ୍ରୋହର ମୁକ୍ତି ମନ୍ତ୍ର । ସଂଗୀତରେ ବିଦ୍ରୋହର ସ୍ୱର ଥିଲେ ମଧ୍ୟ ବାଞ୍ଛାନିଧି ଯଥାର୍ଥରେ ଜାଗରଣର କବି । ସମସ୍ତ ସାମାଜିକ ଅନ୍ୟାୟ ଓ ଅବିଚାର, ଆତ୍ମୋନ୍ନତିର ସମସ୍ତ ପ୍ରତିବନ୍ଧକ, ଜ୍ଞାନ-ବୁଦ୍ଧିର ଅପପ୍ରୟୋଗ ଜନିତ ଜନ ଜୀବନର ସମସ୍ତ ଯାତନା ଦୂର ହୋଇ ଶାଶ୍ୱତ ମହିମାରେ ଜୀବନ ଉଦ୍‌ଭାସିତ ହେଉ, ମୁକ୍ତ ହେଉ, ସମୁନ୍ନତ ହେଉ ଏହା ହିଁ ବାଞ୍ଛାନିଧିଙ୍କର ଐକାନ୍ତିକ କାମନା ।

ମନୁଷ୍ୟର ଯଥାର୍ଥ ପରିଚୟ ତାର ଶୈର୍ଯ୍ୟରେ ଏହି ମହାତ୍ମ୍ୟ ବାଞ୍ଛାନିଧିଙ୍କର ବିଦ୍ରୋହୀ ମନୋଭାବ ତଳେ ଫଲଗୁର ଧାରା ପରି ପ୍ରବାହିତ  । ତେଣୁ ଭୀରୁତା ଓ କାପୁରୁଷତା ପ୍ରତି ସେ ଜଣାଇଛନ୍ତି ଅଶେଷ ଘୃଣା । ଆପାତ ଦୃଷ୍ଟିରେ ବାଞ୍ଛାନିଧି ବିରାମହୀନ ବିପ୍ଳବର ତେଜୋଦୀପ୍ତ ବାର୍ତ୍ତବହ ଥିଲେ ହେଁ ବ୍ୟକ୍ତିଗତ ଜୀବନରେ, ପ୍ରାଣର ନିଭୃତରେ ସେଥିଲେ ଏକ  ଶୋକାକୁଳ ବିଳାପ ବ୍ୟାକୁଳ ଅସହାୟ ଆର୍ତ୍ତା ନାଦର ରୁଧିରାକ୍ତ ବିଗ୍ରହ । ଉନ୍ନତ ମାନବିକତା ଓ ଗଭୀର ମାନବ-ପ୍ରୀତି ସମଗ୍ର ବାଞ୍ଛାନିଧି ସାହିତ୍ୟର ମୌଳିକ ବୈଶିଷ୍ଟ୍ୟ । ଏହି ମାନବିକତାବୋଧ ତାଙ୍କୁ ଏକ ପକ୍ଷରେ କରାଇପାରିଛି ସ୍ୱାଧୀନତା ସଂଗ୍ରାମର ଅକ୍ଳାନ୍ତ ସୈନିକ ଏବଂ ଅପରପକ୍ଷରେ ସତ୍ୟ-ଶିବ-ସୁନ୍ଦରର ଏକାଗ୍ର  ଉପାସକ ।

ବାଞ୍ଛାନିଧି ଥିଲେ ଯଥାର୍ଥରେ ଅଭ୍ୟୁଦୟର କବି; ଏକ ଶୁଦ୍ଧ ମହଜୀବନର ଚରି ଜାଗ୍ରତ ଦିଗ୍ ଦର୍ଶକ । ସମଗ୍ର ବାଞ୍ଛାନିଧି ସାହିତ୍ୟ ଏହି ମୁକ୍ତି ପ୍ରୟାସୀ ମହାଜୀବନର ଉଦ୍ଦାମ ଯାତ୍ରା ସଂଗୀତ । ତେଣୁ କାଳର ବନ୍ଧନ ଲଂଘନ କରି ସେ ହୋଇପାରିଛନ୍ତି ସର୍ବ କାଳର କବି । ଇତିହାସର ଦିଗ୍‌ବଳୟରେ ବାଞ୍ଛାନିଧି ଏକ କ୍ଷଣସ୍ଥାୟୀ ଧୂମକେତୁ, ତାହାର ତିରୋଧାନ ଘଟିଛି, ମାତ୍ର ବିଳୟ ନାହିଁ ।

ପୂର୍ବତନ ପୁରସ୍କୃତ ପ୍ରଧାନ ଶିକ୍ଷକ
ଅସ୍ତଳ, ଭଦ୍ରକ